## ବନ୍ଦ ହୋଇଥିବା ଶୀତଳ ଭଣ୍ଡାର ପୁନଃ କାର୍ଯ୍ୟକ୍ଷମ

**ଅଣତାରକା ପ୍ରଶ୍ନ ସଂଖ୍ୟା: ୧୮୩୯** **ତା: ୨୪.୦୯.୨୦୨୫**

**ଶ୍ରୀ ଆଶ୍ରିତ୍ ପଟ୍ଟନାୟକ : ସମବାୟ ମନ୍ତ୍ରୀ ଅନୁଗ୍ରହ କରି କହିବେ କି :-** ପୁରୀ ଜିଲ୍ଲାର ପ୍ରଥମ ସମବାୟ ଶୀତଳ ଭଣ୍ଡାର, ଉତରାୟଣୀ ଶୀତଳ ଭଣ୍ଡାର ଫନି ବାତ୍ୟା ଅର୍ଥାତ ୨୦୧୯ ମେ ୩ ତାରିଖର ଦୀର୍ଘ ୫ ବର୍ଷ ହେବ ବନ୍ଦ ହୋଇଯାଇଛି, ଫଳରେ ପୁରୀ ଜିଲ୍ଲାର ୧୦ ଟି ବ୍ଲକ ଅଂଚଳର ୫ହଜାରରୁ ଅଧିକ ଚାଷୀ ଆଉ ଆଳୁ ଚାଷ କରୁନାହାନ୍ତି, ଚାଷୀମାନେ ନିଜର ଜିବିକା ହରାଇବା ସହ ଜିଲ୍ଲାରେ ଆଳୁ ଅଭାବଦେଖାଯାଉଛି, ରକ୍ଷଣା ବେକ୍ଷଣା ଅଭାବରୁ ଏହି ଶୀତଳ ଭଣ୍ଡାର ଏବେ ଭୁତକୋଠି ପାଲଟିଛି, ଏହି ଶୀତଳ ଭଣ୍ଡାରର ପୁନରୁଦ୍ଧାର କ୍ଷେତ୍ରରେ ଜରୁରୀ ପଦକ୍ଷେପ ନେବେ କି ?

### ଉତ୍ତର

**ପ୍ରଦିପ ବଳ ସାମନ୍ତ,**

**ସମବାୟ ମନ୍ତ୍ରୀ**

(କ) ପୁରୀ ଜିଲ୍ଲାର ପ୍ରତିଷ୍ଠିତ ଉତ୍ତରାୟଣୀ ସମବାୟ ଶୀତଳ ଭଣ୍ଡାର ୨୦୧୯ ରେ ହୋଇଥିବା "ଫନି" ବାତ୍ୟା ଯୋଗୁଁ ଅଚଳ ହୋଇଯାଇଅଛି । ତେବେ ଉକ୍ତ ଅଞ୍ଚଳର ନିର୍ଭରଶୀଳ ଚାଷୀମାନଙ୍କର ହିତକୁ ବିଚାରକୁ ନେଇ ସରକାର ଉତ୍ତରାୟଣୀ ସମବାୟ ଶୀତଳ ଭଣ୍ଡାରଟିର ପୁନରୁଦ୍ଧାର କରିବା ପାଇଁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରୁଛନ୍ତି ।